# ଓଡିଆ ଲେଖା

ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଅନୁଗୋଳ ଜିଲ୍ଲାରେ ଏକ ନିଯୁକ୍ତି ମେଳା ତା ୧୫.୦୧.୨୦୨୦ **ରିଖ ବୁଧବାର ଦିନ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ ର ଖେଳ ପଡିଆ ରେ ଦିବା ୧୦ ଘଟିକା ସମୟରୁ ଅପରାହ୍ନ ୦୩ ଘଟିକା ପର୍ଯ୍ୟନ୍ତ** ଅନୁଷ୍ଠିତ ହେବ । ଏହି ନିଯୁକ୍ତି ମେଳାରେ ଜିଲ୍ଲାର ସମସ୍ତ ବ୍ଲକ ଓ ସହରାଞ୍ଚଳର ବେକାର ଯୁବକ ଓ ଯୁବତୀ ମାନେ ଅଂଶ ଗ୍ରହଣ କରି ପାରିବେ ।

ଉକ୍ତ ମେଳାରେ ୫ମ ଶ୍ରେଣୀ ପାସ ଓ ତଦୁର୍ଦ୍ଧ ସ୍କୁଲ, କଲେଜ (+୨ ଓ +୩) ଏବଂ ଆଇ ଟି ଆଇ (ITI)/ଡିପ୍ଲୋମା ପାସ କରିଥିବା ଏବଂ ପାଠ୍ୟକ୍ରମ ମଝିରୁ ଛାଡିଥିବା ୧୮ ବର୍ଷରୁ ୩୫ ବର୍ଷ ମଧ୍ୟରେ ଥିବା ବେକାର ଯୁବକ ଯୁବତୀ ମାନେ ବେସରକାରୀ ସଂସ୍ଥା ମାଧ୍ୟମରେ ନିଯୁକ୍ତି ଓ ପ୍ରଶିକ୍ଷଣ ନିମନ୍ତେ ଅଂଶ ଗ୍ରହଣ କରି ଏହାର ସୁବିଧା ନେଇ ପାରିବେ । ଏଣୁ ଇଚ୍ଛୁକ ପ୍ରାର୍ଥୀ ଓ ପ୍ରାର୍ଥିନୀ ମାନେ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର ଓ ତାହାର ନକଲ ଏବଂ ଗୋଟିଏ ପାସପୋର୍ଟ ଫଟୋ, ଆଧାର କାର୍ଡ ସହିତ ଉକ୍ତ ମେଳାରେ ଯୋଗ ଦେଇ ଏହାର ସୁଯୋଗ ନେବାକୁ ଅନୁରୋଧ ।

ଉକ୍ତ ମେଳାରେ ଜିଲ୍ଲା, ରାଜ୍ୟ ଓ ରାଜ୍ୟ ବାହାରୁ ନିଯୁକ୍ତିଦାତା ଓ ଦକ୍ଷତା ବୃଦ୍ଧି ତାଲିମଦାତା ମାନେ ଯୋଗଦେବାର କାର୍ଯକ୍ରମ ରହିଛି । ସବିଶେଷ ତଥ୍ୟ ନିମନ୍ତେ ନିକଟସ୍ଥ ବ୍ଲକ କାର୍ଯ୍ୟାଳୟ, ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ, ଅନୁଗୋଳ ସହିତ ଯୋଗାଯୋଗ କରନ୍ତୁ ।

16/12/19

District Employment Office
ANGUL